ପାଠ 10
पाठ

ବଜାର ଦର
बज़ार दर

ସୁପ୍ରିୟା : ସବିତା, ତୁମେ କୁଆଡେ ଯାଇଥିଲ କି, କ'ଣ ବୁଲିବାକୁ ଯାଇଥିଲ?

ସବିତା : ନାଇଁ, ମୁଁ ବୁଲିବାକୁ ଯାଇନଥିଲି। ମୁଁ ବଜାରକୁ ଯାଇଥିଲି।

ସୁପ୍ରିୟା : କ'ଣ ସବୁ ତୁମେ ଆଣିଲ ?

ସବିତା : ଆଗକୁ ରଜ ଆସୁଛି। ମୁଁ ପିଲାମାନଙ୍କ ପାଇଁ ଲୁଗାପଟା କିଣିବାକୁ ଯାଇଥିଲି।

ସୁପ୍ରିୟା : ଲୁଗା ଦାମ ତ ଆକାଶ ଛୁଇଁଲାଣି। ବଜାର କରିବାକୁ ଡର ଲାଗୁଛି।

ସବିତା : ମୁଁ 'ସରସ୍ୱତୀ ପୂଜା'ରେ ସମସ୍ତଙ୍କ ପାଇଁ ଲୁଗା କରିଥିଲି। ମୋ ବଡ଼ ଭାଇ ଗଲା ମାସରେ ଆମେରିକାରୁ

बाज़ार के भाव

सुप्रिया : सविता, तुम कहाँ गई थी ? क्या घूमने के लिए गई थी ?

सविता : नहीं, मैं घूमने के लिए नहीं गई थी। मैं बाज़ार गई थी।

सुप्रिया : तुम ने क्या क्या लाईं हो ?

सविता : आगे (कुछ दिन आगे) 'रज' आ रहा है। मैं बच्चों के लिए कपड़े खरीदने गई थी।

सुप्रिया : कपड़ों के दाम तो आकाश छू रहे हैं। बाज़ार जाने में डर लग रहा है।

सविता : मैंने 'सरस्वती पूजा' में सब के लिए कपड़े लाए थे। मेरे बड़े भैया पिछले महीने अमेरिका से आए थे। लिजा के लिए वहाँ से सुंदर फ्रॉक लाए थे। लिजा उसे 'पहली रज' में पहनेगी। लेकिन 'संक्रांति' और 'भूमिदहन' के लिए नये फ्रॉक बनाने

ଆସିଥିଲେ। ଲିଜା ପାଇଁ ସେଠୁ ଗୋଟେ ସୁନ୍ଦର ଜାମା ଆଣିଥିଲେ। ଲିଜା ସେଟା 'ପହିଲି ରଜ'ରେ ପିନ୍ଧିବ। ହେଲେ 'ସଂକ୍ରାନ୍ତି' ଆଉ 'ଭୂମି ଦହନ' ପାଇଁ ନୂଆ ଜାମାଟ କରିବାକୁ ପଡ଼ିବ।

ସୁପ୍ରିୟା : ତୁମେ କ'ଣ ଏଥର 'ପୋଡ଼ପିଠା' କରିବ ନାହିଁ କି ?

ସବିତା : ଗଲା ବର୍ଷ ମୁଁ ବହୁତ ପିଠା କରିଥିଲି। ଯଥା :- ପୋଡ଼ପିଠା, କାକରା ପିଠା, ଆରିଷା ପିଠା, ମଣ୍ଡା ପିଠା, ଛୁଞ୍ଚି ପତର ପିଠା ଇତ୍ୟାଦି। ସାଇରେ ସମସ୍ତଙ୍କୁ ପିଠା ବାଣ୍ଟିଥିଲି। ଏଥର ବୋଧହୁଏ ମୁଁ କରିବିନି। ଗାଁରୁ ନଡ଼ିଆ ଗୁଡ଼ିକ ଆସିଥିଲା। ସବୁ ସରି ଗଲାଣି। ଏବେ ନଡ଼ିଆ ବଜାରରୁ କିଣିବାକୁ ପଡ଼ିବ।

ସୁପ୍ରିୟା : ଆଜିକାଲି ନଡ଼ିଆଟିଏର ଦାମ୍ ତ ଚାରି ଟଙ୍କା, ପାଞ୍ଚ ଟଙ୍କା ହୋଇଛି। ଗତ ବର୍ଷ ମୋ ଶାଶୁ ଆସିଥିଲେ। ସେ ବହୁତ ନଡ଼ିଆ ଆଣିଥିଲେ। ମତେ ବି ଖୁବ୍ ସାହାଯ୍ୟ

पड़ेंगे।

सुप्रिया : क्या तुम इस बार 'पोड़पिठा' नहीं बनाओगी ?

सविता : पिछले साल मैंने बहुत 'पिठा' बनाया था। जैसेः- पोड़पिठा, काकरापिठा, आरिषापिठा, मंडापिठा, छुंचिपतर पिठा आदि। पड़ोस में मैंने सबको पिठा बाँटा था। इस बार शायद नहीं बनाऊँगी। गाँव से नारियल लाए थे। सब खत्म हो गए। अब नारियल बाज़ार से खरीदने पड़ेंगे।

सुप्रिया : आजकल एक नारियल के दाम तो चार या पाँच रुपए हैं। पिछले साल मेरी साँस आयी थीं। उन्हों ने बहुत नारियल लाई थीं। मेरी भी बहुत सहायता की थी।

सविता : हाँ, मुझे याद है। तुमने हमें भी 'पोड़पिठा' दिए थे।

सुप्रिया : अच्छा सविता ! रीता की शादी के समय तुमने कहाँ से गहने खरीदे थे?

କରିଥିଲେ ।

ସବିତା : ହଁ, ମୋର ମନେ ଅଛି । ତୁମେ ଆମକୁ ମଧ୍ୟ 'ପୋଡ ପିଠା' ଦେଇଥିଲ ।

ସୁପ୍ରିୟା : ଆଚ୍ଛା ସବିତା, ରୀତା ବାହାଘର ବେଳେ ତୁମେ କେଉଁଠୁ ଗହଣା କିଣିଥିଲ ?

ସବିତା : ମୁଁ ତ ଆଗରୁ କିଛି ରଖି ନଥିଲି । କଟକରୁ ହିଁ ସବୁ ଗହଣା କିଣିଥିଲୁ । ସୁନାର ଦାମ୍ ସେତେବେଳେ ବହୁତ ବଢ଼ି ଯାଇଥିଲା । ପରେ ଅବଶ୍ୟ କମି ଯାଇଥିଲା । ତମେ କେବେ ଝିଅ ବାହାଘର କରୁଛ କି ?

ସୁପ୍ରିୟା : ହଁ, ଗୋଟେ ଜାଗାରେ ଠିକ୍ କରିଥିଲୁ । ବରଘର ବହୁତ ଯୌତୁକ ମାଗିଲେ । ଆମେ ମନା କରିଦେଇଥିଲୁ । ବାହାଘର ବନ୍ଦ ହୋଇଯାଇଥିଲା । ଏବେ ପୁଣି ଆଉ ଗୋଟେ ଜାଗାରେ ଠିକ୍ କରିଛୁ । ସେମାନେ ବହୁତ ଭଲ ଲୋକ । ଆର ମାସ ପନ୍ଦର ତାରିଖରେ ବାହାଘର କରିବୁ ।

सविता : मैंने तो पहले कुछ नहीं रखा था। कटक से ही सब गहने खरीदे थे। सोने का दाम तब बहुत बढ़ गया था। बाद में अवश्य कम हो गया था। तुम बेटी की शादी कब कर रही हो ?

सुप्रिया : हाँ, एक जगह ठीक किया था। लेकिन वर के घरवालों ने बहुत दहेज माँगा। हम ने इनकार कर दिया था। शादी रुक गई थी। अब फिर एक और जगह ठीक की है। वे बहुत अच्छे लोग हैं। अगले महीने की पंद्रह तारीख को शादी करेंगे।

शब्दार्थ

ओड़िआ शब्द	हिंदी अर्थ
ରଜ	रज (ओड़िशा का एक प्रधान पर्व)
ଲୁଗାପଟା	कपड़ा
ଦାମ	भाव, दाम, कीमत
ଆକାଶ	आकाश
ଡର	डर
ସରସ୍ୱତୀ ପୂଜା	सरस्वती पूजा
ବଡ଼ଭାଇ	बड़ा भाई
ଜାମା	फ्रॉक
ପହିଲି ରଜ	पहली रज
ସଂକ୍ରାନ୍ତି	'संक्रांति'
ଭୂମି ଦହନ	'भूमिदहन'
ପୋଡ଼ ପିଠା	चावल, उड़द दाल, छेना, नारियल और गुड़ से बना खाद्य
ଚୁଂଚିପତର ପିଠା	चावल, उड़द दाल, नारियल और गुड़ मिलाकर उबाला हुआ पानी के चाप में हलदी के पतों में बना खाद्य
ଏଣ୍ଡୁରି ପିଠା	चावल, उड़द दाल, नारियल, गुड़ आदि से बना खाद्य
ନଡ଼ିଆ	नारियल
ଚାରିଟଙ୍କା	चार रुपए
ପାଞ୍ଚଟଙ୍କା	पाँच रुपए
ସୁନା	सोना
ବଢ଼ିଯାଇଥିଲା	बढ़ गया था
ଅବଶ୍ୟ	अवश्य
କମିଯାଇଥିଲା	कम हो गया

ଯୌତୁକ	**दहेज**
ଆରମାସ	**अगला महीना**
ପନ୍ଦର ତାରିଖ	**पंद्रह तारीख़**
ବାହାଘର	**शादी**
ଗୁଡ଼ିକ	**एक से ज्यादा**

अभ्यास

I. **नीचे दिए गए शब्द-युग्म तथा वाक्य दोहराइए।**

1) 1. ଲୁଗାପଟା
   2. ପହିଲି ରଜ
   3. ପୋଡ଼ପିଠା
   4. ଆଜିକାଲି

2) 1. ମୁଁ ସରସ୍ୱତୀ ପୂଜାରେ ସମସ୍ତଙ୍କ ପାଇଁ ଲୁଗା କରିଥିଲି।
   2. ମୁଁ ପିଲାମାନଙ୍କ ପାଇଁ ଲୁଗାପଟା କିଣିବାକୁ ଯାଇଥିଲି।
   3. ସବିତା, କୁଆଡେ ଯାଇଥିଲ କି ?
   4. ନାଇଁ, ମୁଁ ବଜାରକୁ ଯାଇଥିଲି।
   5 ଲୁଗା ଦାମତ ଆକାଶ ଛୁଇଁଲାଣି।
   6 ଆଜି କାଲି ନଡ଼ିଆଟିଏର ଦାମ ଚାରିଟଙ୍କା, ପାଞ୍ଚ ଟଙ୍କା ହୋଇଛି।

II. **नीचे दिए गए वाक्यों में रेखांकित शब्दों के स्थान पर उनके नीचे दिए गए शब्दों / शब्दयुग्मों का प्रयोग कर वाक्य बनाइए।**

1) ମୁଁ ସରସ୍ୱତୀ ପୂଜାରେ <u>ସମସ୍ତଙ୍କ ପାଇଁ</u> ଲୁଗା କରିଥିଲି।

   ତୁମମାନଙ୍କ ପାଇଁ
   ସେମାନଙ୍କ ପାଇଁ
   ପିଲାମାନଙ୍କ ପାଇଁ
   ଝିଅମାନଙ୍କ ପାଇଁ
   ଘରଲୋକଙ୍କ ପାଇଁ

2) ସବିତା <u>କୁଆଡେ</u> ଯାଇଥିଲ କି ?

   କେମିତି
   କାହିଁକି
   କେବେ
   କେତେବେଳେ
   କେଉଁଆଡ଼େ

3) ତୁମେ ଆମକୁ <u>ପୋଡ଼ପିଠା</u> ଦେଇଥିଲ ।

କାକରା ପିଠା
ଆରିଷା ପିଠା
ଏଣ୍ଡୁରି ପିଠା
ଚୁଞ୍ଚିପତର ପିଠା
ମଣ୍ଡା ପିଠା

4) <u>ଲୁଗା ଦାମତ</u> ଆକାଶ ଛୁଇଁଲାଣି ।

ଦରଦାମ
ପରିବା ଦାମ
ତେଲ ଦାମ
ନଡ଼ିଆ ଦାମ
ଚିନି ଦାମ

5) ନାଇଁ, ମୁଁ <u>ବଜାରକୁ</u> ଯାଇ ନଥିଲି ।

ସ୍କୁଲକୁ
ଅଫିସକୁ
କୁଆଡ଼କୁ
ବଗିଚାକୁ
ଆମ୍ବତୋଟାକୁ

III. कोष्ठक में दिए गए शब्दों का प्रयोग कर वाक्य पूरे कीजिए।
(ସାଇରେ, ସରସ୍ୱତୀ ପୂଜାରେ, ରଜ, ଜାମା, ପୋଡ଼ପିଠା)

1. ଆଗକୁ _____ ଆସୁଛି ।
2. ଲିଜା ପାଇଁ ସୁନ୍ଦର _____ ଆଣିଥିଲେ ।
3. ମୁଁ _____ ସମସ୍ତଙ୍କ ପାଇ ନୂଆ ଲୁଗା କରିଥିଲି ।
4. ତୁମେ କ'ଣ _____ କରିବ ନାହିଁକି ?
5. ମୁଁ ସମସ୍ତଙ୍କୁ _____ ପିଠା ବାଣ୍ଟିଥିଲି ।

IV. (क) वर्ग में दिए गए वाक्यांशों के साथ (ख) वर्ग के उपयुक्त शब्द जोड़कर वाक्य बनाइए।

(କ)	(ଖ)
ଲୁଗା ଦାମତ ଆକାଶ	ବାଣ୍ଟିଥିଲି
ସାଇରେ ସମସ୍ତଙ୍କୁ ପିଠା	ଛୁଇଁଲାଣି
ଗତବର୍ଷ ମୋ ଶାଶୁ	କରି ହେବନି
ବରଘର ବହୁତ	ଆସିଥିଲେ
ଏଥର ବୋଧହୁଏ	ଯୌତୁକ ମାଗିଲେ

V. कोष्ठक में दिए गए शब्दों के उपयुक्त रूपों का प्रयोग कर वाक्य पूरे कीजिए।

1. ମୁଁ ___ ଯାଇନଥିଲି। (ବଜାର)
2. ମୁଁ ସମସ୍ତଙ୍କ ପାଇଁ ଲୁଗା _____। (କର)
3. ଲିଜା ସେଇଟା ପଢ଼ିଲି ___ ପିନ୍ଧିବ। (ରଜ)
4. ଗାଁରୁ ନଡ଼ିଆ _____। (ଆସ)
5. ତୁମେ _____ ମଧ୍ୟ ପିଠା ଦେଇଥିଲ। (ଆମ)

VI. कोष्ठक में दिए गए शब्दों का सही स्थान पर प्रयोग कर दिए गए वाक्यों का विस्तार कीजिए।

उदाहरण (1) : ମୋ ବଡ଼ ଭାଇ ଆସିଥିଲେ। (ଗଲା ମାସରେ, ଆମେରିକାରୁ)
ମୋ ବଡ଼ ଭାଇ ଗଲା ମାସରେ ଆମେରିକାରୁ ଆସିଥିଲେ।

1. ମୁଁ ଭୁବନେଶ୍ୱର ଯାଇଥିଲି। (କାଲି ସକାଳେ, ବସରେ)
2. ବାପା ବଜାରରୁ ପରିବା ଆଣିଥିଲେ। (କାଲି, ଭଲ) ।
3. ସେମାନେ ପାଞ୍ଚ ବର୍ଷ ଧରି ଗାଁରେ ରହୁଥିଲେ। (କଟକର, ଏକ)
4. ଆମଘରକୁ ଆସନ୍ତୁ। (ପଅରଦିନ, ଖାଇବାକୁ)
5. ମୋ ଭଉଣୀର ବାହାଘର। (ଆସନ୍ତା ମାସ, ପନ୍ଦର ତାରିଖରେ)
6. ତୁମେ ଆମକୁ ପୋଡ଼ପିଠା ଦେଇଥିଲ। (କାଲି ରୁଚିକର)
7. ସେ ଦେଇଥିଲେ । (ପିଲାମାନଙ୍କୁ, ନୂଆବହି)
8. ତୁ ଦେଇଥିଲୁ । (ଆମମାନଙ୍କୁ, ପିଠା)
9. ତୁମେମାନେ ଦେଇଥିଲ । (ସାଙ୍ଗମାନଙ୍କୁ, କଲମ)
10. ଆପଣ ଦେଇଥିଲେ । (ଭଉଣୀଙ୍କୁ, ଶାଢ଼ୀ)
11. ଆପଣମାନେ ଦେଇଥିଲେ । (ସେମାନଙ୍କୁ, ଆରିଷା ପିଠା)
12. ସେମାନେ ଦେଇଥିଲେ। (ଶିକ୍ଷକମାନଙ୍କୁ, ଉପହାର)

VII. उदाहरण के अनुसार तीन तीन शब्दों का प्रयोग कर दिए गए छोटे वाक्यों का विस्तार कीजिए।

उदाहरण :- ଆମେମାନେ ଖାଇଥିଲୁ।
କାଲି ଆମେମାନେ ତାଙ୍କଘରେ ପୋଡ଼ପିଠା ଖାଇଥିଲୁ।

1. ତୁମେ ଦେଖିଥିଲ ।
2. ମୁଁ ଲେଖିଥିଲି ।
3. ସେମାନେ ବୁଲିଥିଲେ ।
4. ରମା ଗାଇଥିଲା ।
5. ଆପଣ ବାଣ୍ଟିଥିଲେ ।

VIII. कोष्ठक में दिए गए हिंदी शब्दों के समानार्थक ओड़िआ शब्दों का प्रयोग कर वाक्य पूरे कीजिए।

1. ମୁଁ ଗଲା ମାସରେ ମନ୍ଦିର _____ । **(गया था)**
2. ବାପା କେବେ _____ ? **(आए थे)**
3. ଲିଜା ପାଇଁ, ସୁନ୍ଦର ଜାମା _____। **(लाए थे)**
4. ତୁମେ କ'ଣ ପୋଡ଼ ପିଠା ___। **(नहीं करोगे)**
5. ସେ ମତେ ବି _____ । **(मदद किया था)**

पढ़िए और समझिए

ରୀତାର ବାହାଘର

रीतार बाहाघर

ଫାଲ୍‌ଗୁନ ମାସରେ ରୀତାର ବାହାଘର ହୋଇଥିଲା । ସେ ଦିନ ସକାଳୁ ରୀତା ହଳଦିଆ ପାଟ ଶାଢ଼ୀ ପିନ୍ଧିଥିଲା । କେତେ ଗହଣା ପିନ୍ଧିଥିଲା । ରୀତା ଭାରି ସୁନ୍ଦର ଦିଶୁଥିଲା । ସଞ୍ଜ ବେଳେ ରୀତାର ବର ଆସିଲା । କେତେ ବରଯାତ୍ରୀ ଆସିଥିଲେ । ହୁଳହୁଳି ପଡ଼ିଥିଲା । ଶଙ୍ଖ ବାଜିଥିଲା । ରୀତା ଓ ତା' ବର ମୁକୁଟ ପିନ୍ଧିଥିଲେ । ସେମାନେ ବେଦୀ ଉପରେ ବସିଥିଲେ । ସେଠି ପୁରୋହିତ ମନ୍ତ୍ର ପଢ଼ିଥିଲେ ଓ ହୋମ କରିଥିଲେ । ରୀତାର ବର ଉତ୍ପଳ ସେ ମଧ୍ୟ ବେଦୀରେ ପ୍ରସନ୍ନତାର ସହିତ ବସିଥିଲେ । ତାଙ୍କର ପରିବାରର ସମସ୍ତ ସଦସ୍ୟମାନେ ବେଦୀର ଚାରିପାଖରେ ବସିଥିଲେ । ନବଦମ୍ପତ୍ତିଙ୍କୁ ଦେଖି ସମସ୍ତେ ଖୁସି ହେଉଥିଲେ । ଆଉ ମଧ୍ୟ ତାଙ୍କର ଅନେକ ଫଟୋ ଉଠାଉଥିଲେ । ରୀତା ଓ ଉତ୍ପଳ ଦୁହେଁ ବହୁ ସୁନ୍ଦର ଦେଖାଯାଉଥିଲେ । ରୀତାର ଭଉଣୀ ଶିଖା, ରୀତା ଓ ଉତ୍ପଳଙ୍କର ହାତଗଣ୍ଠି ଫିଟାଇଥିଲା । ଆଉ ହାତଗଣ୍ଠି ବଦଳରେ ସେମାନେ ତାକୁ ଗୋଟିଏ ଉପହାର ସ୍ୱରୂପ ପାଟ ଶାଢ଼ୀଟିଏ ଦେଲେ ।

ଶୁଭ ମୁହୂର୍ତ୍ତରେ ବାହାଘର ଆରମ୍ଭ ହୋଇ ବିଭିନ୍ନ ପ୍ରକାରର କର୍ମବିଧି ଅନୁସାରେ ଶେଷ ହୋଇଥିଲା । ସବୁ ଅତିଥି ଏବଂ ପରିବାରର ସଦସ୍ୟମାନେ ନବଦମ୍ପତିଙ୍କୁ ଆଶୀର୍ବାଦ

ଦେଇଥିଲେ। ତାପରେ ସମସ୍ତେ ଭୋଜି ଖାଇଥିଲେ। ସମସ୍ତେ ଭୋଜିକୁ ଆନନ୍ଦ ସହକାରେ ଉପଭୋଗ କରି ଖାଇଥିଲେ। ସେଇ ଭୋଜିରେ ଆମିଷ, ନିରାମିଷ ଓ ମିଠା ଇତ୍ୟାଦି ତିଆରି କରାଯାଇଥିଲା।

ଉତ୍କଳ ଓ ତାଙ୍କ ପରିବାର ନୂଆବୋହୂକୁ ଶୁଭ ମୁହୂର୍ତ୍ତ ଦେଖି ତାଙ୍କ ଘରକୁ ନେଇଯାଇଥିଲେ। ତାଙ୍କ ସାଙ୍ଗରେ ରୀତାର ବଡ଼ ଭାଇ ଭାଉଜ ମଧ୍ୟ ଯାଇଥିଲେ। ରୀତା ଶାଶୁ ଘରକୁ ଗଲାବେଳେ ବହୁତ କାନ୍ଦିଥିଲା।

शब्दार्थ

ओड़िआ शब्द	हिंदी अर्थ
ଫାଲ୍‌ଗୁନ୍ ମାସ	फागुन का महीना
ହଳଦିଆ	पीला
ପାଟ	'पाट', रेशम (टस्सर)
ଗହଣା	आभूषण
ବର	वर, दुल्हा
ବରଯାତ୍ରୀ	वरयात्री, बाराती
ହୁଳହୁଳି	फूल-फूलि (मुँह के भीतर की ओर से की जानेवाली एक मंगल-ध्वनि)
ଶଙ୍ଖ	शंख
ମୁକୁଟ	मुकुट
ବେଦୀ	मंडप
ପୁରୋହିତ	पुरोहित
ମନ୍ତ୍ର	मंत्र
ହୋମ	यज्ञ
ଉପହାର	उपहार
ଖୁସି	खुशी
ପରଦିନ	पिछले दिन
ଶାଶୁଘର	ससुराल

କାନ୍ଦିଥିଲା	रोई थी
ପ୍ରସନ୍ନତା	आनंद
ପରିବାର	परिवार
ଫଟୋ	तसवीर
ସୁନ୍ଦର	सुंदर
ଯୋଡ଼ି	जोड़ी, युग्म, दो
ଭଉଣୀ	बहन
ହାତଗଣ୍ଠି	हस्तबंधन, करबंधन
ଶୁଭମୁହୂର୍ତ୍ତ	अच्छा समय, शुभ मुहूर्त
ବିଧି	नियम
ଶେଷ ହୋଇଥିଲା	खत्म हो गया था
ଅତିଥି	अतिथि
ସଦସ୍ୟମାନେ	सदस्यों
ନବଦମ୍ପତ୍ତି	नवदंपति
ଆଶୀର୍ବାଦ	आशीर्वाद
ଭୋଜି ଖାଇଥିଲେ	भोजन किया था
ଆନନ୍ଦ ସହକାରେ	आनंद के साथ
ଉପଭୋଗ	उपभोग
ଆମିଷ	आमिष
ନିରାମିଷ	निरामिष
ମିଠା	मिठाई
ନୂଆବୋହୂ	नई बहु
ଘରକୁ ନେଇଯାଇଥିଲେ	घर में ले गए थे / गई थीं
ବଡ଼ଭାଇ	बड़ा भाई
ଭାଉଜ	भाभी

अभ्यास

I. अनुच्छेद के आधार पर नीचे दिए गए प्रश्नों के उत्तर दीजिए।

1. ରୀତାର ବାହାଘର କେବେ ହୋଇଥିଲା ?
2. ରୀତା କେଉଁ ରଙ୍ଗର ପାଟ ଶାଢ଼ୀ ପିନ୍ଧିଥିଲା ?
3. ରୀତାର ବର କେତେବେଳେ ଆସିଲା ?
4. ରୀତା ଓ ତା' ବର କେଉଁଠି ବସିଥିଲେ ?
5. ପୁରୋହିତ କ'ଣ କରିଥିଲେ ?
6. ରୀତା ଶାଶୁ ଘରକୁ ଗଲାବେଳେ କ'ଣ କରିଥିଲା ?
7. ଉଜ୍ଜ୍ୱଳ କିଏ ?
8. କେଉଁମାନେ ବେଦୀର ଚାରିପାଖେ ବସିଥିଲେ ?
9. କାହାର ଫଟୋ ଉଠିଥିଲା ?
10. କେଉଁମାନଙ୍କର ଯୋଡ଼ି ସୁନ୍ଦର ଦେଖାଯାଉଥିଲା ?
11. କିଏ ହାତଗଣ୍ଠି ଫିଟାଇଥିଲା ?
12. ଶିଖା କିଏ ?
13. ଶିଖାକୁ ଉପହାରସ୍ୱରୂପ କ'ଣ ମିଳିଥିଲା ?
14. ରୀତା ବିଦା ହେବା ସମୟରେ ତାଙ୍କ ଘରୁ କିଏ କିଏ ଯାଇଥିଲେ?

II. अनुच्छेद में वर्णित नीचे दी गई घटनाओं को क्रमानुसार लिखिए।

1. ରୀତା ଶାଶୁ ଘରକୁ ଗଲାବେଳେ ବହୁତ କାନ୍ଦିଥିଲା ।
2. ରୀତା ଶାଶୁ ଘରକୁ ଯାଇଥିଲେ ।
3. ପରିବାରର ସଦସ୍ୟମାନେ ନବଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେଇଥିଲେ ।
4. ପୁରୋହିତ ମନ୍ତ୍ର ପଢ଼ିଥିଲେ ।
5. ରୀତାର ବଡ଼ ଭାଇ ଭାଉଜ ତାଙ୍କ ସାଙ୍ଗରେ ଯାଇଥିଲେ ।
6. ବରଯାତ୍ରୀ ଆସିଥିଲେ ।
7. ରୀତା ଗହଣା ପିନ୍ଧିଥିଲା ।
8. ସମସ୍ତେ ଉପହାର ଦେଇଥିଲେ ।
9. ଶୁଭ ମୁହୂର୍ତ୍ତରେ ବାହାଘର ଆରମ୍ଭ ହୋଇଥିଲା ।
10. ସମସ୍ତେ ଭୋଜିକୁ ଆନନ୍ଦ ସହକାରେ ଉପଭୋଗ କରି ଖାଇଥିଲେ ।

III. हिंदी में अनुवाद कीजिए।

ଶରତ ପୂର୍ଣ୍ଣମୀ ହେଉଛି 'କାର୍ତ୍ତିକ ପୂର୍ଣ୍ଣିମା'। ଏହାର ନାଁ 'କୁମାର ପୂର୍ଣ୍ଣିମା' ହେଲେ ମଧ୍ୟ ଏହା ପ୍ରକୃତରେ କୁମାରୀମାନଙ୍କର ଉତ୍ସବ। ଅବିବାହିତ ଝିଅମାନେ ଭଲ ବର ପାଇବା ପାଇଁ ଏହିଦିନ ଚନ୍ଦ୍ରଙ୍କୁ ପୂଜା କରନ୍ତି। ସେଦିନ ସବୁ ଝିଅ ନୂଆ ଲୁଗା ପିନ୍ଧନ୍ତି। ଫୁଲରେ ସଜ ହୁଅନ୍ତି। ସଞ୍ଜ ବେଳକୁ ଖଇ, କଦଳୀ, ଛେନା, ଗୁଡ଼, ଚକଟି ଜହ୍ନର ପ୍ରତିଛବି କରନ୍ତି। ଜହ୍ନକୁ ପୂଜା ଦେଇ ଦିନଯାକ ଉପାସ କରିଥିବା ଝିଅମାନେ ସେଇ ଚାନ୍ଦକୁ ଖାଆନ୍ତି।

ପୂର୍ବ ବର୍ଷ ଅପେକ୍ଷା ଏ ବର୍ଷ ପୂଜା ଭଲ ହୋଇଥିଲା। ପ୍ରାୟ୍ ପ୍ରତ୍ୟେକଙ୍କ ଘରେ ଫୁଲକୋଠି ସଜାଯାଉଥିଲା। ସବୁ ଝିଅମାନେ ମିଶି ସଞ୍ଜବେଳେ ଜହ୍ନିଫୁଲ, କାକୁଡ଼ି ଫୁଲ, ଗଙ୍ଗଶିଉଳି ଫୁଲ ଚଉଁରା (ବୃନ୍ଦାବତୀ) ଙ୍କ ପାଖରେ ପୂଜା କରିଥିଲେ। କଇଁ ଫୁଲରେ ଫୁଲକୋଠି ସଜାଯାଇଥିଲା। ଭୂଇଁରେ ଗାର ନଟାଣି ଫୁଲ ଥୋଇ ଅତି ସୁନ୍ଦର ଦେଉଳ ରଥର ପରିକଳ୍ପନା ଓ ତା'ର ଢାଞ୍ଚା ତିଆରି କରିବା କଳାତ୍ମକତାର ଉଦାହରଣ।

ପରିଷ୍କାର ଆକାଶରେ ଅତି ସ୍ୱଚ୍ଛ କିରଣ ବିଚ୍ଛେଇଥିବା ଚନ୍ଦ୍ରକୁ ଦେଖି ଝିଅମାନେ ମନଖୋଲା ଆନନ୍ଦ ଉପଭୋଗ କରିଥିଲେ। ପରିବାରର ସମସ୍ତେ ସେଇ ଆନନ୍ଦରେ ଭାଗୀଦାର ହୋଇଥିଲେ।

ସବୁ ଉତ୍ସବ ପରି ଏଥିରେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ପିଠାପଣା ତିଆରି ହେଉଥିଲା। ଝିଅମାନେ ଗିଲ ଖେଳିଥିଲେ। ଏବେ ଲୁଡୋ, କବାଡ଼ି ଓ ଶଙ୍ଖ ତିଆରି ଖେଳ ମଧ୍ୟ ଖେଳା ଯାଉଛି। ଅବିବାହିତ ଝିଅମାନେ 'କୁମାର ପୂର୍ଣ୍ଣିମା' ର ଗୀତ ବୋଲନ୍ତି ଏବଂ ବୋହୂଚୋରୀ ଆଦି ଖେଳ ଖେଳନ୍ତି। କୁମାର ପୂର୍ଣ୍ଣିମାର ଅନ୍ୟ ନାଁ କୁଆଁର ପୁନେଁଇ। ଝିଅମାନେ ଗୀତ ଗାଇଥାନ୍ତି 'କୁଆଁର ପୁନେଇ ଜହ୍ନଗୋ ଫୁଲ ବଉଳ ବେଣୀ'।

IV. ओड़िआ में अनुवाद कीजिए।

मैं पिछले साल संबलपुर गई थी। वहाँ बहुत सारी साड़ी की दुकानें थीं। वहाँ सुंदर सुंदर पाट की साड़ियाँ देखी थीं। मैंने अपने लिए दो साड़ियाँ लाई थीं। मेरे सहेलिओं के लिए एक एक साड़ी लाई थी। वहाँ से कुछ परदों का कपड़ा भी मैंने खरीदा था। ये कपड़े मेरे भाई के नये घर केलिए हैं। मुझे नई जगह देखना बहुत पसंद है। पिछले साल अपने कुछ मित्रों के साथ हीराकुद देखने के लिए गई थी। वह मेरा एक अच्छा अनुभव था। आनेवाली छुट्टियों में मैं ओड़िशा के बाहर के जगहों को देखने केलिए जाऊँगी।

V. अपनी देखी हुई किसी शादी के बारे में ओड़िआ में एक छोटा अनुच्छेद लिखिए।

टिप्पणियाँ

I. **इस पाठ में निम्न प्रकार के वाक्यों का प्रयोग हुआ है :-**

1. ଗଲାବର୍ଷ ମୁଁ ବହୁତ ପିଠା କରିଥିଲି । **पिछले वर्ष मैं ने बहुत पिठा बनाई थीं।**
गलाबर्ष मुँ बहुत पिठा करिथिलि।

2. ସବିତା ! କୁଆଡ଼େ ଯାଇଥିଲକି ? **सविता ! कहाँ गई थी ?**
सबिता! कुआड़े जाइथिलकि?

3. ନାଇଁ ମୁଁ ବଜାରକୁ ଯାଇଥିଲି । **नहीं, मैं बाज़ार गई थी।**
नाइँ मुँ बजारकु जाइथिलि।

उपर्युक्त वाक्यों में पूर्ण भूतकालिक क्रियाओं का प्रयोग हुआ है। ये हिंदी के 'किया था', 'गया था' जैसे प्रयोगों के समान हैं। मूल क्रिया के साथ पुरुष और वचन के अनुसार '-ଥିଲ' (-थिल), '-ଥିଲି' (-थिलि), '-ଥିଲା' (-थिला), '-ଥିଲେ' (-थिले) सहायक क्रियाएँ जोड़ने से पूर्ण भूतकाल की क्रियाएँ बनती हैं।

उत्तमपुरुष

एक वचन	ମୁଁ ଯାଇଥିଲି। **मुँ जाइथिलि ।**	**मैं गया था / गई थी।**
बहुवचन	ଆମେ / ଆମେମାନେ ଯାଇଥିଲୁ । **आमे / आमेमाने जाइथिलु ।**	**हम / हमलोग गए थे/गई थीं।**
	ଆମ୍ଭେ / ଆମ୍ଭେମାନେ ଯାଇଥିଲୁ । **आम्भे / आम्भेमाने जाइथिलु ।**	**हम / हमलोग गए थे/गई थीं।**

मध्यमपुरुष

एकवचन	ତୁ ଯାଇଥିଲୁ । **तु जाइथिलु ।**	**तू गया था / गई थी।**
	ତୁମେ / ତୁମ୍ଭେ ଯାଇଥିଲ । **तुमे/ तुम्भे जाइथिल ।**	**तुम गए थे / गई थीं।**

बहुवचन ତୁମେମାନେ / ତୁମ୍ଭେମାନେ ଯାଇଥିଲ । तुमलोग गए थे / गई थीं।
तुमेमाने/ तुम्भेमाने जाइथिल ।

ଆପଣ / ଆପଣମାନେ ଯାଇଥିଲେ । आपलोग गए थे / गई थीं।

आपण/ आपणमाने जाइथिले ।

अन्यपुरुष

एकवचन ସେ ଯାଇଥିଲା । वह गया था / गई थी।
से जाइथिला ।

बहुवचन ସେମାନେ ଯାଇଥିଲେ । वे (लोग) गए थे / गई थीं।
सेमाने जाइथिले ।

(2) और (3) वाक्य यथाक्रम पूर्ण भूतकाल के प्रश्नार्थक और निषेधार्थक वाक्य हैं।

II. रज -

यह ओड़िशा के कृषि पर आधारित एक बड़ा त्योहार है। जून के महीने में संक्रांति के पूर्व एक दिन और अगले दो दिन यह त्योहार मनाया जाता है। उन दिनों लड़कियाँ घर में कुछ काम नहीं करतीं।

पोड़पिठा -

यह एक पकवान है। 'रज' के त्योहार पर ओड़िशा में लोग पोड़पिठा बनाकर रखते हैं। चावल, उड़द दाल, छेना, गुड़, नारियल और गरम मसाला डालकर यह पोड़पिठा बनाया जाता है।

हातगांठि -

यह शादी के धर्मक्रियाओं में एक प्रधान क्रिया है। शादि के वेदी के ऊपर अग्नि को साक्षी मान कर लड़की के हाथ के ऊपर लड़के का हाथ रख कर कुश से बाँधा जाता है। यह काम पुरोहित ही करते हैं। इस गांठ को 'हातगांठि' कहते हैं और लड़की की बहन इसे खोलती है। 'हातगांठि' खोलनेवाली लड़की को उपहार के रूप में दुल्हा कपड़ा या रुपए देते हैं।